## ସଂକ୍ଷେପରେ

### ଦୁର୍ଘଟଣାରେ ୨ ଗୁରୁତର

**ଧର୍ମଶାଳା,୨୮।୧୧(ଡି.ଏନ.ଏ.):** ଧର୍ମଶାଳା ଥାନା ଅଞ୍ଚଳରେ ଶନିବାର ପୃଥକ୍ ଦୁର୍ଘଟଣା ଘଟି ୨ଜଣ ଗୁରୁତର ହୋଇଛନ୍ତି। ଥାନା ଅଧୀନ ୧୬ନଂ ଜାତୀୟ ରାଜପଥର ଜାରକା ନିକଟରେ ଏକ ମୋଟର ଚାଳିତ ଟ୍ରଲି ଚାଳକ ଆଳୁ ପିଆଜ ବୋଝେଇ କରି ବାରବାଟୀ ଯାଉଥିବାବେଳେ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଟ୍ରଲି ଚାଳକ ସ୍ଥାନୀୟ ବଡ଼ମଙ୍ଗଳପୁର ଗ୍ରାମର ଦୀନବନ୍ଧୁ ସାହୁ(୪୮) ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଯାଜପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେହିପରି ୧୬ନଂ ଜାତୀୟ ରାଜପଥର ଗୋକର୍ଣ୍ଣେଶ୍ୱର ମନ୍ଦିର ନିକଟରେ ୨ଟି ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ପୁରୀ ସାକ୍ଷୀଗୋପାଳ ସୁଆଙ୍ଗ ଗ୍ରାମର ଅନନ୍ତ କିଶୋର ମିଶ୍ର ଗୁରୁତର ହୋଇଥିଲେ। ଧର୍ମଶାଳା ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଯାଜପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

### ୫୨ ଭିନ୍ନକ୍ଷମଙ୍କୁ ମିଳିଲା ୟୁଡିଆଇଡି ପରିଚୟପତ୍ର

**ତିର୍ତ୍ତୋଲ,୨୮।୧୧(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ ପରିସରରେ ୫୨ ଜଣ ଭିନ୍ନକ୍ଷମଙ୍କୁ ଶନିବାର ୟୁଡିଆଇଡି ପରିଚୟ ପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ତେନ୍ତୁଳିପଦା, ତରଜଙ୍ଗା ଓ କୋଲର ପଞ୍ଚାୟତର ଭିନ୍ନକ୍ଷମମାନେ ସାମିଲ ହୋଇଥିଲେ। ଏଥିରେ ଡିଏସ୍ଏସ୍ଓ ଶମ୍ଭୁନାଥ ରାଉତ ଯୋଗଦେଇ ପରିଚୟପତ୍ରଗୁଡିକୁ ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୟ କୁମାର ପାତ୍ର, ଅରବିନ୍ଦ ଦାସ ଓ କନିଷ୍ଠ ଯନ୍ତ୍ରୀ ଆଲୋକ ରାଉତ ପ୍ରମୁଖ ସାମିଲ ହୋଇଥିଲେ।

### ବାଲି ଚୋରା ଚାଲାଣ: ୨ ଟ୍ରାକ୍ଟର ଜବତ

**ବାଲିଆ, ୨୮।୧୧:** ବିରିଡି ତହସିଲ ଅଧୀନ ହାଜିପୁର ଛକରୁ ଶୁକ୍ରବାର ବାଲି ଚୋରା ଚାଲାଣ ବେଳେ ୨ଟି ଟ୍ରାକ୍ଟର ଜବତ କରାଯାଇଛି। ଉଭୟ ଗାଡି ମାଲିକଙ୍କଠାରୁ ୧୦ ହଜାର ଟଙ୍କା ଲେଖାଏ ଜରିମାନା ଆଦାୟ କରାଯାଇଛି। କୌଣସିସୂତ୍ରରୁ ଖବରପାଇ ତହସିଲଦାର ସାଗରିକା ପ୍ରିୟଦର୍ଶିନୀଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।

### ବୋଇତ ବନ୍ଦାଣ ପାଇଁ ପ୍ରସ୍ତୁତି ବୈଠକ

**ଖଣ୍ଡପଡ଼ା,୨୮।୧୧ (ସ୍ୱ.ପ୍ର.):** କଣ୍ଟିଲୋ ଆଞ୍ଚଳିକ ତୈଳିକ ବୈଶ୍ୟ ସମାଜ ପକ୍ଷରୁ କାର୍ତ୍ତିକ ପୂର୍ଣ୍ଣମୀରେ ବୋଇତ ବନ୍ଦାଣ ପାଇଁ ଶନିବାର ପ୍ରସ୍ତୁତି ବୈଠକ ସ୍ଥାନୀୟ କାଳୀମନ୍ଦିର ପରିସରରେ ସଭାପତି ତ୍ରିନାଥ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ଉପସଭାପତି ଉତ୍ସବ ସାହୁ, ସମ୍ପାଦକ ବନମାଳୀ ସାହୁ, କୋଷାଧକ୍ଷ ଗୋକୁଳାନନ୍ଦ ସାହୁ ପ୍ରମୁଖ ଯୋଗଦେଇ ଉତ୍ସବ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଥିବାରୁ ଚଳିତବର୍ଷ ଏହାକୁ ନିରାଡମ୍ବର ଭାବେ କରିବାକୁ ନିଷ୍ପତ୍ତି ହୋଇଥିଲା।

### ଜନତା ବଜାର ପ୍ରତିଷ୍ଠାତାଙ୍କ ପରଲୋକ

**ବାଲିକୁଦା,୨୮।୧୧(ସ୍ୱ.ପ୍ର.):** ବାଲିକୁଦାସ୍ଥିତ ଜନତା ବଜାର ପ୍ରତିଷ୍ଠାତା ଗୌରାଙ୍ଗ ରାଉଳ(୭୩)ଙ୍କ ଶୁକ୍ରବାର ବିଳମ୍ବିତ ରାତିରେ ବାହାରଣା ପଞ୍ଚାୟତ ଅନ୍ତର୍ଗତ ଦେଉଳୀସ୍ଥିତ ବାସଭବନରେ ପରଲୋକ ଘଟିଛି। ସେ ଜଣେ ମେଳାପୀ, ପରୋପକାରୀ, ମିଷ୍ଟଭାଷୀ, ସ୍ପଷ୍ଟବାଦୀ ଓ ଧର୍ମପରାୟଣ ବ୍ୟକ୍ତି ଭାବେ ପରିଚିତ ଥିଲେ । ଜଣେ ମଞ୍ଚ କଳାକାର ଓ ପ୍ରଚ୍ଛଦପଟ ଗାୟକ ଭାବେ ମଧ ଗୌରାଙ୍ଗ ସ୍ଥାନୀୟ ଅଞ୍ଚଳରେ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ମୃତ୍ୟୁ ଖବରପାଇ ସମିତିସଭ୍ୟ ନୀଳମଣି ବେହେରା, ସାମାଜିକ କର୍ମୀ ପ୍ରଶାନ୍ତ ରାଉଳ, ମାନସ ପରିଡ଼ା, ବାଲିକୁଦା ପୂଜ୍ୟପୂଜା ସଂସଦ ସଭାପତି କୈଳାସ ବିଶ୍ୱାଳ, ସମ୍ପାଦକ ଅରୁଣ କୁମାର ମହାନ୍ତି, ବାବନ ଚରଣ ସ୍ୱାଇଁ ଓ ସରୋଜକାନ୍ତ ସ୍ୱାଇଁ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ବିହନ ସଙ୍କଟରେ ଆଳୁ ଚାଷୀ

**କେନ୍ଦ୍ରାପଡ଼ା ଅଫିସ, ୨୮।୧୧**

- ଯୋଗାଣ ହୋଇନି ସରକାରୀ ବିହନ
- ବଜାରରୁ ଅଧିକ ଦାମ୍‌ରେ କିଣୁଛନ୍ତି

କେନ୍ଦ୍ରାପଡ଼ା ଜିଲାର ଆଳୁ ଚାଷୀ ବିହନ ସଙ୍କଟରେ ପଡିଛନ୍ତି। ସରକାରୀ ବିହନ ଯୋଗାଣ ଅଦ୍ୟାବଧି ହୋଇ ନ ଥିବାରୁ ବଜାରରୁ ଅଧିକ ଦାମ୍ ଦେଇ କ୍ରୟ କରୁଛନ୍ତି। ଏହି ବିହନ ଦ୍ୱାରା କେତେଦୂର ସଫଳ ହେବେ ସେ ନେଇ ଚାଷୀମାନେ ଆଶଙ୍କା ପ୍ରକଟ କରିଛନ୍ତି।

ଜିଲାରେ ପ୍ରତିଦିନ ୬୦୦ କୁଇଣ୍ଟାଲ ଆଳୁ ବ୍ୟବହାର ହେଉଥିବାବେଳେ ପ୍ରାୟ ୭୦୦ ହେକ୍ଟର ଜମିରେ ପ୍ରତିବର୍ଷ ଆଳୁ ଚାଷ ହୋଇଥାଏ। ହେକ୍ଟର ପିଛା ୧୫ କୁଇଣ୍ଟାଲ ହିସାବରେ ଚାଷୀଙ୍କୁ ୧୦,୫୦୦ କୁଇଣ୍ଟାଲ ବିହନ ଆବଶ୍ୟକ। ତେବେ ବର୍ତ୍ତମାନ ସୁଦ୍ଧା କେଜିଏ ହେଲେ ସରକାରୀ ବିହନ ଚାଷୀଙ୍କ ନିକଟରେ ପହଞ୍ଚି ନାହିଁ । ଜିଲା କୃଷକ ସଭା ସମ୍ପାଦକ ଗୟାଧର ଧଳ କହିଛନ୍ତି, କରୋନା ସଂକ୍ରମଣ ପାଇଁ ଫେରିଥିବା ପ୍ରବାସୀ ଚଳିତବର୍ଷ କୃଷିକୁ ଅଧିକ ଗୁରୁତ୍ୱ ଦେଇଛନ୍ତି। ତେବେ ସାମୁଦ୍ରିକ ଝଡ଼ ଅମ୍ଫାନ୍ ଖରିଫ ଚାଷକୁ ଉଜାଡିଦେଇଛି। ଆଳୁ ଚାଷ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିଲେ ମଧ୍ୟ ଚାଷୀଙ୍କୁ ଉପଯୁକ୍ତ ବିହନ ମିଳିନାହିଁ। ଜିଲା ଉଦ୍ୟାନ ବିଭାଗକୁ ଚାଷୀ ବାରମ୍ବାର ଦୌଡୁଥିଲେ ବି ବିହନ ଆସି ନ ଥିବା ସୂଚନା ମିଳୁଛି। ଚାଷୀଙ୍କ ହାଡଭଙ୍ଗା ପରିଶ୍ରମ ବିହନ ବିହୁନେ ନଷ୍ଟ ହୋଇଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି। ଡେରାବିଶ ବ୍ଲକ କୁଶିଆପାଳ ଗ୍ରାମର ଚାଷୀ କହନ୍ତି, ଆଳୁ ଦରରେ ଏବେ ପକ୍ଷୀ ଲାଗିଛି । ପ୍ରତିଦିନ ଦାମ୍ ବଢିଚାଲିଛି। ଏଥିପାଇଁ ଚାଷୀ ଆଳୁ ଲଗାଇବା ପାଇଁ ପ୍ରସ୍ତୁତି ଶେଷ କରିଥିଲେ ମଧ୍ୟ ବିହନ ମିଳୁନାହିଁ। ବଜାର ବିହନ ଉପରେ ଭରସା ନ ଥିବାବେଳେ ସେ ୧୩ ଏକର ଜମିରେ ଆଳୁ ଚାଷ କରିବେ ବୋଲି କହିଛନ୍ତି। କୃଷକ ନେତା ବିଧୁଭୂଷଣ ମହାପାତ୍ର କୁହନ୍ତି, ୨୦୧୫ରେ ସରକାର ଆଳୁ ମିଶନ କାର୍ଯ୍ୟକାରୀ କଲେ। ଇତିମଧ୍ୟରେ ୫ ବର୍ଷ ପୂରଣ ହେବ। ତେବେ ଜିଲାରେ ଶୀତଳ ଭଣ୍ଡାର ଗଠନ ସମ୍ପର୍କରେ କୌଣସି ସୂଚନା ନାହିଁ। ଶୀତଳ ଭଣ୍ଡାର ନ ଥିଲେ ଆଳୁ ସଂରକ୍ଷଣ ଅସମ୍ଭବ। ତୁରନ୍ତ ଚାଷୀଙ୍କୁ ଆଳୁ ବିହନ ଯୋଗାଣ ସହିତ ଶୀତଳ ଭଣ୍ଡାର ଗଠନ ସମ୍ପର୍କରେ ଜିଲା ପ୍ରଶାସନ ନିଷ୍ପତ୍ତି ନେବାକୁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ କନ୍ଧ ଜେନା କହିଛନ୍ତି, ବିହନ ପାଇଁ ଇଣ୍ଡେଣ୍ଟ ଯାଇଛି। ଜିଲାକୁ ଆସି ନାହିଁ। ଆସନ୍ତା ସୋମବାର ସୁଦ୍ଧା ବିହନ ପହଞ୍ଚିଯିବ। ବଜାରରେ ବିହନ କେଜି ୪୫ ଟଙ୍କା ଥିବାବେଳେ ସରକାରୀ ବିହନ କେଜି ପ୍ରତି ୧୧.୨୫ ପଇସାରେ ମିଳିବ ବୋଲି ସେ ପ୍ରକାଶ କରିଛନ୍ତି।



ପରୀକୁ ନ୍ୟାୟ ପ୍ରଦାନ ଓ ମନ୍ତ୍ରୀ ଅରୁଣ ସାହୁଙ୍କ ଇସ୍ତଫା ଦାବିରେ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲସ୍ଥିତ ନେହେରୁ ହାଟ ଛକରେ ଶନିବାର ଯୁବ ଭାଜପା ତରଫରୁ ମନ୍ତ୍ରୀ ସାହୁଙ୍କ କୁଶପୁତ୍ତଳିକା ଦାହ କରାଯାଇଛି।

# ନୀଳମାଧବ ଜୀଉଙ୍କ ୨ ବେଶ

**ଖଣ୍ଡପଡ଼ା,୨୮।୧୧(ସ୍ୱ.ପ୍ର.)**

କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ ତିଥିରେ ଶନିବାର ଶ୍ରୀନୀଳମାଧବ ଜୀଉଙ୍କ ୨ ବେଶ ଅନୁଷ୍ଠିତ ହୋଇଛି । ମନ୍ଦିର ଦ୍ୱାର ଫିଟାଯାଇ ମଙ୍ଗଳ ଆଳତି, ମଇଲମ, ତଡ଼ପଲାଗି ଓ ଅବକାଶ ନୀତି ପରେ ମହାପ୍ରଭୁଙ୍କୁ ଯୁଗଳ ମୂର୍ତ୍ତି ବେଶରେ ସଜ୍ଜିତ କରାଯାଇଥିଲା। ପରେ ପାରମ୍ପରିକ ନୀତି କରାଯାଇ ସନ୍ଧ୍ୟାରେ ଠାକୁରଙ୍କୁ କାଞ୍ଚି ଅଭିଯାନ ବେଶରେ ସଜ୍ଜିତ କରାଯାଇଥିଲା। ସେହିପରି ଖଣ୍ଡପଡ଼ା ଶ୍ରୀଜଗନ୍ନାଥ ଜୀଉଙ୍କ ନଟବର ବେଶ ଓ କାଞ୍ଚିକାବେରୀ ବେଶ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।



କାଞ୍ଚି ଅଭିଯାନ ବେଶରେ ଶ୍ରୀ ନୀଳମାଧବ ଜୀଉ।

# ଜିଲାପାଳଙ୍କୁ ଚାଷୀ ଶ୍ରମିକ ସଂଘର ଦାବିପତ୍ର

**ଡେରାବିଶ,୨୮।୧୧(ସ୍ୱ.ପ୍ର.)**

ଗତ ଲଘୁଚାପଜନିତ ଲଗାଣ ବର୍ଷାରେ ଡେରାବିଶ ବ୍ଲକ ଅଞ୍ଚଳରେ ହଜାର ହଜାର ହେକ୍ଟର ଚାଷଜମିର ଧାନଫସଲ ପାଣିରେ ବୁଡ଼ି ରହି ନଷ୍ଟ ହୋଇଥିଲା। ପରବର୍ତ୍ତୀ ସମୟରେ କ୍ଷୟକ୍ଷତି ଆକଳନ କରାଯାଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ କେନ୍ଦ୍ରାପଡ଼ା ଜିଲା ଚାଷୀ ଶ୍ରମିକ ସଂଘ କୃଷିବିଭାଗ ନିକଟରେ ଦାବି କରିଥିଲା। ମାତ୍ର କ୍ଷତିଗ୍ରସ୍ତ ଚାଷଜମି ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଆକଳନ କରା ନ ଯାଇ ରାଜସ୍ୱ ବିଭାଗର ଆର୍ଆଇଙ୍କ ଦ୍ୱାରା କରାଯାଇଥିଲା। ଆର୍ଆଇମାନେ ଚାଷଜମିକୁ ନ ଦେଖି କାର୍ଯ୍ୟାଳୟରେ ବସି କ୍ଷୟକ୍ଷତି ଆକଳନ ତାଲିକା ପ୍ରସ୍ତୁତ କରିଥିଲେ। ହେଲେ ତାଲିକାରେ ବହୁ କ୍ଷତିଗ୍ରସ୍ତ ଚାଷୀ ବାଦ୍ ପଡ଼ିଥିବା ନେଇ ଗୁରୁବାର ଜିଲା ଚାଷୀ ଶ୍ରମିକ ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଏଥିରେ ବିଲରେ କ୍ରପ୍‌କଟିଂ ସମୟରେ କୃଷି ଅଧିକାରୀଙ୍କ ଦ୍ୱାରା ହେବାକୁ ଥିବା ଧାନର ନମୁନା ସଂଗ୍ରହ ବେଳେ କ୍ଷତିଗ୍ରସ୍ତ ଚାଷୀମାନେ ଉପସ୍ଥିତ ରହିବାକୁ ଉଲ୍ଲେଖ କରାଯାଇଛି। ନମୁନା ସଂଗ୍ରହ ସମୟରେ ସମ୍ପୃକ୍ତ ଜମିର ଚାଷୀମାନେ କୃଷି ଅଧିକାରୀଙ୍କ ସହ ଉପସ୍ଥିତ ରହିବେ ବୋଲି ଜିଲାପାଳ ସମର୍ଥ ବର୍ମା ସଂଘର ପ୍ରତିନିଧିମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହିତ ଏ ଦିଗରେ ତ୍ୱରିତ ପଦକ୍ଷେପ ନେବା ପାଇଁ ଜିଲା କୃଷି ଉପନିର୍ଦ୍ଦେଶକଙ୍କୁ ସୁପାରିଶ କରିଛନ୍ତି। ଡେରାବିଶ ପଞ୍ଚାୟତ ସମିତି ଅଧକ୍ଷ ସରୋଜକାନ୍ତ ସାହୁ, ସଂଘ ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ନିୟନ୍ତ୍ରିତ ବଜାର କମିଟିର ପରିଚାଳନା ନିର୍ଦ୍ଦେଶକ ଶରତ ଚନ୍ଦ୍ର ମଲ୍ଲିକ, ସମ୍ପାଦକ କମଳ କୁମାର ମହାନ୍ତି ପ୍ରମୁଖ ଜିଲାପାଳଙ୍କୁ ସାକ୍ଷାତ କରି ଦାବିପତ୍ର ଦେଇଥିଲେ।

# ଖରସ୍ରୋତା ନଦୀ ଉପରେ ନିର୍ମାଣ ହେବ କାଠପୋଲ

**ରାଜକନିକା,୨୮।୧୧ (ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ରାଜକନିକା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନମତରାଠାରୁ ପଦନୀପାଳ ୬୦ ମିଟର ଖରସ୍ରୋତା ନଦୀ ଉପରେ ଏକ ନୂତନ କାଠପୋଲ ନିର୍ମାଣ ହେବାକୁ ଯାଉଛି। ରାଜ୍ୟ ସରକାର ଏଥିପାଇଁ ୨୫ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଆସନ୍ତା ୧୫ଦିନ ମଧ୍ୟରେ ଏହି ପୋଲ କାର୍ଯ୍ୟ ଆରମ୍ଭ ହେବ ବୋଲି ରାଜକନିକା ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ପ୍ରଣବ କିଶୋର ବିଶ୍ୱାଳ ପ୍ରକାଶ କରିଛନ୍ତି। ପୋଲ ନ ଥିବାରୁ ଆଳି ବ୍ଲକର ନଦୀନାଳ ଘେରା ପଦନୀପାଳ ଓ ଦଇତାରାପୁର ଗ୍ରାମର ହଜାର ହଜାର ଲୋକ ଯାତାୟାତରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଦୁଇ ଗ୍ରାମବାସୀ ଗତବର୍ଷ କେନ୍ଦ୍ରାପଡ଼ା ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ତେବେ ଜିଲାପାଳ ଗାଁକୁ ଆସି ବୁଲି ଦେଖିବା ସହିତ ଖରସ୍ରୋତା ନଦୀରେ ପୋଲ ନିର୍ମାଣ ପାଇଁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

# ଆଳି ଭାଜପାର ପ୍ରଶିକ୍ଷଣ ଶିବିର

**ଆଳି,୨୮।୧୧(ଡି.ଏନ.ଏ.)**

ଆଳି ନିର୍ବାଚନମଣ୍ଡଳୀ ଭାଜପାର ପତ୍ରପୁର ମଣ୍ଡଳ (ଜୋନ-୩) ପକ୍ଷରୁ ଶନିବାର ଏକ ପ୍ରଶିକ୍ଷଣ ଶିବିର ସିଙ୍ଗିରି ବଜାରସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଅକ୍ଷୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରକୁ ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଦଳର ଜିଲା ସଭାପତି କିଶୋର ପଣ୍ଡା, ବ୍ରଜସୁନ୍ଦର ଭୂୟାଁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁନାକର ବେହେରା, ଜିଲା ଉପସଭାପତି ନେହେରୁ ସାହୁ, ସମ୍ପାଦକ ଶଶାଙ୍କ ଶେଖର ସେଠୀ, ଜିଲା ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ପ୍ରିୟଦର୍ଶିନୀ ନନ୍ଦ ପ୍ରମୁଖ ଯୋଗଦେଇ ଦଳର ବିଚାରଧାରା, ଭାରତୀୟ ସଂସ୍କୃତି ଓ ପରମ୍ପରା ଆଦି ପ୍ରସଙ୍ଗରେ ଉପସ୍ଥିତ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ପୂର୍ବତନ ସଭାପତି ଅରୁଣ ରାଉତ ଓ ମନୋଜ ସେଠୀ ଶିବିର ପରିଚାଳନା କରିଥିଲେ।

# ଜରାଜୀର୍ଣ୍ଣ ଅବସ୍ଥାରେ ଡାକବଙ୍ଗଳା

**ଯାଜପୁର ସଦର,୨୮।୧୧(ଡି.ଏନ.ଏ.)**

ଯାଜପୁର ଜିଲାର ସର୍ବପୁରାତନ ତଥା ବ୍ରିଟିଶ ଅମଳର ବରୁଆଁ ଡାକବଙ୍ଗଳା ଏବେ ଜରାଜୀର୍ଣ୍ଣ ହୋଇପଡିଛି। ସେତେବେଳେ ବ୍ରିଟିଶରମାନେ ଏହାକୁ ବିଶ୍ରାମ କେନ୍ଦ୍ର ଭାବେ ବ୍ୟବହାର କରିବା ସହିତ ବ୍ୟବହୃତ ଘୋଡାକୁ ରଖୁଥିଲେ। ପରବର୍ତ୍ତୀ ମୁହୂର୍ତ୍ତରେ ନୂତନ ଗୃହ ନିର୍ମାଣ କରାଯାଇ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି। ଯାଜପୁର ସହରର ଫାଟକ ବୋଲି କୁହାଯାଉଥିବା ଏହି ଡାକବଙ୍ଗଳାଟି ରକ୍ଷଣାବେକ୍ଷଣ ଅଭାବରୁ ଏବେ ନଷ୍ଟ ହେବାକୁ ବସିଛି। ଏଥିରେ ଖର୍ଚ୍ଚ ହେଉଥିବା ସରକାରୀ ଅନୁଦାନକୁ ବଙ୍ଗଳାର ଉନ୍ନତି ନିମନ୍ତେ ଠିକ ସେ କାର୍ଯ୍ୟକାରୀ କରା ନ ଯାଇ ହରିଲୁଟ୍ ହେଉଛି ବୋଲି ଅଭିଯୋଗ ହୋଇଛି। ଫାଟକ ଭିତରେ ପଶିଲେ ବର୍ଷାଦିନେ ଆଣ୍ଠୁଏ କାଦୁଅ। ଏହା ଏବେ ୧୦୮ ଆମ୍ବୁଲାନ୍ସ ଗାଡିର ରହଣୀ କେନ୍ଦ୍ର ପାଲଟିଛି। ଡାକବଙ୍ଗଳା ଭିତର ପର୍ଯ୍ୟନ୍ତ ଗାଡିଗୁଳା ମାଟିରାସ୍ତାରେ ତିଆରି ହୋଇଛି। ୫ମାସ ତଳେ ୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବଙ୍ଗଳାର ଘର ଓ ପାଚେରି ରଙ୍ଗ କରାଯାଇଥିଲା। ମାତ୍ର ୫ମାସ ଗଲା ନାହିଁ ସେଥିରୁ ରଙ୍ଗଛାଡି ଗଲାଣି। ନିମ୍ନମାନର କାର୍ଯ୍ୟ ପାଇଁ ଏଭଳି ଅବସ୍ଥା ସୃଷ୍ଟି ହେଉଛି ବୋଲି ଅଭିଯୋଗ ହେଉଛି। ନିକଟସ୍ଥ ଅନ୍ୟ ଡାକବଙ୍ଗଳାର ଫାଟକ ଠାରୁ ଘର ପର୍ଯ୍ୟନ୍ତ ମାର୍ବଲରେ ରାସ୍ତା ହୋଇ ୨ପାର୍ଶ୍ୱରେ ଫୁଲବଗିଚା ଥିବା ବେଳେ ଏହି ଡାକବଙ୍ଗଳା ଫାଟକରେ ପ୍ରବେଶ କଲେ ଅନାବନା ଗଛ ଓ ବୁଦାରେ ଚତୁପାର୍ଶ୍ୱ ପରିପୂର୍ଣ୍ଣ ହୋଇଥିବା ଦେଖିବାକୁ ମିଳୁଛି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ବରୁଆଁ ଛକରେ ଥିବା ଡାକବଙ୍ଗଳା।

# ବିପଦସଙ୍କୁଳ ବିଦ୍ୟୁତ୍ ଖୁଣ୍ଟ ପ୍ରତି ଦୃଷ୍ଟି ନାହିଁ

**ସିଂହପୁର,୨୮।୧୧(ଡି.ଏନ.ଏ.)**

ବିଞ୍ଝାରପୁର ବ୍ଲକ ଅଧୀନ ଓଳେଇ ଚନ୍ଦନପୁର ପଞ୍ଚାୟତର ଚନ୍ଦନପୁର ସାମଲ ସାହିରେ ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ସରାବରାହ କରୁଛି। ଏନେଇ ଗ୍ରାମବାସୀ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରୁଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ତେବେ ବିଦ୍ୟୁତ୍ ପାଇଁ ଯଦି କାହାରି କିଛି କ୍ଷତି ହୁଏ ବିଭାଗୀୟ ଅଧିକାରୀ ଦାୟୀ ରହିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ଗ୍ରାମର କେତେଜଣଙ୍କ ଘର ଉପର ଦେଇ ବିଦ୍ୟୁତ୍ ତାର ଯାଇଛି। ତେବେ କେତେକ ସ୍ଥାନରେ ତାର ଓହଳି ପଡ଼ିଥିବାରୁ ଏହା ଗ୍ରାମବାସୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ସେହିପରି ଅନ୍ୟ କେତେକ ସ୍ଥାନରେ ଭଙ୍ଗା ଖୁଣ୍ଟରେ ତାର ଟଣାଯାଇଛି। ସାହି ନିକଟରେ ଏକ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ବିପଦପୂର୍ଣ୍ଣ ଭାବେ ରହିଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହୋଇଛି।

# ପରିବାର ସଦସ୍ୟଙ୍କୁ ହାଜର ନୋଟିସ

**କେନ୍ଦ୍ରାପଡ଼ା ଅଫିସ, ୨୮।୧୧**

**ଗୋଟିଏ ପରିବାରର ୪ ଜାତି ମାମଲା**

ମହାକାଳପଡ଼ା ତହସିଲ ଜମ୍ବୁ ଥାନା ଅଞ୍ଚଳର ଗୋଟିଏ ପରିବାର ସଦସ୍ୟଙ୍କର ୪ ଜାତି ମାମଲାରେ ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା ପୁଣି ଥରେ ନୋଟିସ କରିଛନ୍ତି। ଏହି ପରିବାରର ସଦସ୍ୟମାନେ ନିଜର ପ୍ରମାଣ ଉପସ୍ଥାପନ ପାଇଁ ରାମଚଣ୍ଡୀ ରାଜସ୍ୱ କାର୍ଯ୍ୟାଳୟରେ ହାଜର ହେବାକୁ ତହସିଲଦାର ୨୭ ତାରିଖରେ ନୋଟିସ ଦେଇଛନ୍ତି। ସୂଚନାଯୋଗ୍ୟ, ଜିଲା ପ୍ରଶାସନର ଯୁଗ୍ମ ତଦନ୍ତ କମିଟି ନିକଟରେ ହାଜର ହେବାକୁ ଗତ ୨୫ ତାରିଖରେ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ସେମାନେ ଦେହ ଅସୁସ୍ଥ ଥିବା ଦର୍ଶାଇ ହାଜର ହୋଇ ନ ଥିଲେ। ଏହି ପରିବାର ସଦସ୍ୟ ବିଭିନ୍ନ ସମୟରେ ଜମି କ୍ରୟବେଳେ ମାହେଶ, ଯୋଗୀ, ପ୍ରଧାନ ଓ ନମଶୂଦ୍ର ଜାତି ଉଲ୍ଲେଖ କରିଛନ୍ତି। ନମଶୂଦ୍ର ଅନୁସୂଚିତ ଜାତି ତାଲିକାରେ ଥିବାରୁ ସରକାରୀ ଫାଇଦା ଉଠାଇଥିବା ନେଇ ସ୍ଥାନୀୟ ଅଞ୍ଚଳର ସୂଚନା ଅଧିକାର କର୍ମୀ ଅମିତାଭ ଚାନ୍ଦ ଉଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା କରିଥିଲେ। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଜିଲା ପ୍ରଶାସନର ଏହି ଯୁଗ୍ମ କମିଟି ତଦନ୍ତ କରୁଛି। ତଦନ୍ତ ସମୟରେ କୁଜଙ୍ଗ ରାଜାଙ୍କର ହାତପଞ୍ଝା ଡିଟିପି ଆକାରରେ ବ୍ୟବହାର ହୋଇଥିବା ଓ ଏହି ପଞ୍ଝା ପ୍ରଦାନକାରୀଙ୍କ ଅଡିଓ କ୍ଲିପ୍ ତଦନ୍ତ କମିଟି ସଦସ୍ୟ ତହସିଲଦାର ପଣ୍ଡା ଓ କେନ୍ଦ୍ରାପଡ଼ା ଏସ୍‌ଡିପିଓ ରାଜୀବଲୋଚନ ପଣ୍ଡାଙ୍କୁ ଅଭିଯୋଗକାରୀ ଚାନ୍ଦ ପ୍ରଦାନ କରିଛନ୍ତି।



ପଞ୍ଚକ ଅବସରରେ ଯାଜପୁର ଜିଲା ଧର୍ମଶାଳା ବ୍ଲକ ନୂଆଗାଁ ଅଞ୍ଚଳର ଜଣେ କୁନି ଝିଅ ଚଉଁରାମୂଳରେ ମୁରୁଜ ପକାଉଛନ୍ତି।

# ପାନୀୟ ଜଳ ଚିନ୍ତାରେ ନାଉଗାଁବାସୀ

**ନାଉଗାଁ,୨୮।୧୧(ସ୍ୱ.ପ୍ର.)**

- ଜାମୁଗାଁ, କଣ୍ଟୁଣିଆହାଟରେ ପାନୀୟ ଜଳ ପ୍ରକଳ୍ପ ଅଚଳ
- ଡେରିକି ପଞ୍ଚାୟତରେ ପାଇପ୍ ଫାଟି ପାଣି ବୋହୁଛି

ଜଗତ୍‌ସିଂହପୁର ଜିଲାର ନାଉଗାଁ ବ୍ଲକରେ ଲୋକେ ପାନୀୟ ଜଳ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେଉଁଠି ପାନୀୟ ଜଳ ପ୍ରକଳ୍ପ ବହୁ ଦିନ ଧରି ଅଚଳ ହୋଇ ରହିଛି ତ ଆଉ କେଉଁଠି ପାଣି ସଂରକ୍ଷିତ କରି ରଖିବା ପାଇଁ ଟାଙ୍କି ନାହିଁ। ଏହାସତ୍ତ୍ୱେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ବ୍ଲକ ଅନ୍ତର୍ଗତ ଜାମୁଗାଁ ପଞ୍ଚାୟତରେ ପ୍ରକଳ୍ପ ଥାଇ ମଧ ଜନସାଧାରଣ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଏନେଇ ପୂର୍ବତନ ତ୍ରୁଷ୍ଟି ପ୍ରତାପ ମିଶ୍ର ଟୁଇଟର ମାଧ୍ୟମରେ ଜଗତ୍‌ସିଂହପୁର ଜିଲାପାଳ ଓ ୫ ଟି ସଚିବଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ମୁତାବକ, ୨୦୧୫-୧୬ ଆର୍ଥିକ ବର୍ଷରେ ଜାମୁଗାଁ ପଞ୍ଚାୟତରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଏକ ସୁଉଚ୍ଚ ପାଣିଟାଙ୍କି ନିର୍ମାଣ କରାଯାଇଥିଲା। ମାତ୍ର ନିମ୍ନମାନର କାମ ଯୋଗୁ ଉକ୍ତ ଟାଙ୍କିକୁ ପାଣି ଉଠୁନାହିଁ। ଏନେଇ ପୂର୍ବତନ ସରପଞ୍ଚ ପ୍ରତିଚି ପ୍ରଧାନ ବାରମ୍ବାର ବିଭାଗ ପାଖରେ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ରକ୍ଷଣାବେକ୍ଷଣ ଅଭାବରୁ ଏବେ ଉକ୍ତ ଟାଙ୍କି ଜଳଧାରଣର କ୍ଷମତା ହରାଇ ବସିଛି। ସେହିପରି କଣ୍ଟୁଣିଆ ହାଟରେ ୨୦୧୮-୧୯ ଆର୍ଥିକ ବର୍ଷରେ ଏକ ସୁଉଚ୍ଚ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଏହା ମଧ ଅକାମୀ ହୋଇଯାଇଛି। ଡେରିକି ପଞ୍ଚାୟତରେ ବିଭିନ୍ନ ଗ୍ରାମକୁ ପାନୀୟ ଜଳ ଯୋଗାଇବା ପାଇଁ ପାଇପ୍ ସଂଯୋଗ କରାଯାଇଛି। କିନ୍ତୁ ସୁଉଚ୍ଚ ପାଣିଟାଙ୍କି ନାହିଁ। ବହୁ ଜାଗାରେ ପାଇପ୍ ଫାଟି ପାଣି ବୋହୁଛି। ଫଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଜଳ ପରିମଳ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ଏ ବିଷୟରେ ବିଭାଗୀୟ ଯନ୍ତ୍ରୀ ପ୍ରଦୀପ୍ତ ବରାଳ କହିଛନ୍ତି, ମୁଁ ଏବେ ନୂଆ ଆସିଛି। ଜାମୁଗାଁସ୍ଥିତ ପାନୀୟ ଜଳ ପ୍ରକଳ୍ପ ସମ୍ପର୍କରେ ଅବଗତ ନାହିଁ। ତେବେ ଯେଉଁ ସ୍ଥାନରେ ପାଇପ ଫାଟିଛି କିମ୍ବା ଟ୍ୟାପ ନାହିଁ ସେ ସବୁସ୍ଥାନକୁ ମରାମତି କରିବା ପାଇଁ ପଦକ୍ଷେପ ନିଆଯିବ।



ଜାମୁଗାଁ ପଞ୍ଚାୟତରେ ଅଚଳ ହୋଇଯାଇଥିବା ପାନୀୟ ଜଳ ପ୍ରକଳ୍ପ।

